# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 3 February - 2026

**************************************

## ମୁଖ୍ୟ ସମ୍ବାଦ

- ଦେଶର ସାମଗ୍ରୀକ ବିକାଶ, ନବସୃଜନ ଓ ସାମାଜିକ ପରିବର୍ତ୍ତନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱତନ୍ତ୍ର ଦାୟିତ୍ୱ ରହିଛି; କହିଲେ ରାଷ୍ଟ୍ରପତି

— ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦାନ

- ରାଜ୍ୟର କନ୍ଧମାଳ ଜିଲ୍ଲା ମାଓବାଦୀ ପ୍ରଭାବିତ ଥିବା ଲୋକସଭାରେ ସୂଚନା ଦେଲେ କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ

- ଗଞ୍ଜାମ ଜିଲ୍ଲା ମା' ତାରାତାରିଣୀଙ୍କ ପୀଠରୁ 'କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଏବଂ

- ଆସନ୍ତା ଶୁକ୍ରବାର ପ୍ରସାରିତ ହେବ ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'

## ରାଷ୍ଟ୍ରପତି

ସାମଗ୍ରୀକ ବିକାଶ, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ବ୍ୟାସକବି ଫକୀର ମୋହନ ସେନାପତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଶ୍ରୀମତୀ ମୁର୍ମୁ କହିଛନ୍ତି, ବ୍ୟାସକବିଙ୍କ ଲିଖିତ ଉପନ୍ୟାସ ରେବତୀ ତାଙ୍କ ଜୀବନରେ ବିଶେଷ ପ୍ରଭାବ ପକାଇଥିଲା। ଏହି ଅବସରରେ ରାଷ୍ଟ୍ରପତି ମାତୃଭାଷାରେ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ଜାତୀୟ ଶିକ୍ଷାନୀତି ୨୦୨୦ରେ ମାତୃଭାଷାରେ ଶିକ୍ଷାଦାନ ସହ ଛାତ୍ରଛାତ୍ରୀମାନଙ୍କୁ ସଂସ୍କୃତି ସହ ଯୋଡି ରଖିବାର ପ୍ରୟାସ କରାଯାଇଛି। ଭାରତ ଜ୍ଞାନର ଗନ୍ତାଘର। ଆମ ଶିଳାଲେଖ ଓ ପାଣ୍ଡୁଲିପି ଗଭୀର ଜ୍ଞାନରେ ପରିପୂର୍ଣ୍ଣ। ଏହାବ୍ୟତୀତ କବିତା, ସାହିତ୍ୟ, ବିଜ୍ଞାନ, ବାସ୍ତୁକଳା ଆଦି କ୍ଷେତ୍ରରେ ଭାରତ ଅଗ୍ରଣୀ ରହିଛି। ଅତୀତକୁ ବୁଝି ତଥା ବର୍ତ୍ତମାନରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରି ଛାତ୍ରଛାତ୍ରୀମାନେ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିପାରିବେ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

**- V/O -**

ରାଷ୍ଟ୍ରପତି କହିଛନ୍ତି, ସମର୍ପଣ ହେଉଛି ସଫଳତାର ଚାବିକାଠି। ସଫଳ ଜୀବନ ଉତ୍ତମ କିନ୍ତୁ ଜୀବନକୁ ଅର୍ଥପୂର୍ଣ୍ଣ କରିବା ସମାଜର ଆବଶ୍ୟକତା

ରହିଛି । ରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ଅବହେଳିତମାନଙ୍କ ସାହାଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି ।

**- V/O -**

ଶ୍ରୀମତୀ ମୁର୍ମୁ କହିଛନ୍ତି, ବିକାଶ ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଦେଶର ପ୍ରଗତିରେ ସହାୟକ ହେବ । ଏହି ଅବସରରେ ରାଷ୍ଟ୍ରପତି ଏକ ନୂତନ ପ୍ରେକ୍ଷାଳୟର ଉଦ୍‌ଘାଟନ କରିଥିଲେ ।

ରାଷ୍ଟ୍ରପତି ବାଲେଶ୍ୱରରୁ ପ୍ରତ୍ୟାବର୍ତ୍ତନ କରି ପୁରୀଠାରେ ପହଞ୍ଚିଛନ୍ତି । ପୁରୀ ଲୋକଭବନରେ ରାଷ୍ଟ୍ରପତି ଆଜି ରାତ୍ରିଯାପନ କରିବେ । ଆସନ୍ତାକାଲି ସକାଳେ ଶ୍ୱେତଗଙ୍ଗା ତୀର୍ଥପୁଷ୍କରିଣୀରେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବାର କାର୍ଯ୍ୟକ୍ରମ ରହିଛି । ପିଣ୍ଡଦାନ ପାରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ଏହା ପୂର୍ବରୁ ରାଷ୍ଟ୍ରପତି ଆଜି ସକାଳେ ଯାଜପୁରସ୍ଥିତ ମା' ବିରଜା କ୍ଷେତ୍ର ଯିବା ସହ ମନ୍ଦିର ପରିସରରେ ଥିବା ନାଭିଗୟା କୁଣ୍ଡରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିଥିଲେ ।

ରାଷ୍ଟ୍ରପତି ଆସନ୍ତାକାଲି ଭଞ୍ଜବୀର ସୁନାରାମ ସୋରେନ୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ତଥା ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ମହୁଲଡିହାସ୍ଥିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ଭାବ

ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀମତୀ ମୁର୍ମୁ ସରକାରୀ ଆୟୁର୍ବେଦ ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ଓ.ୟୁ.ଏ.ଟି. କ୍ୟାମ୍ପସ୍, ସହରୀ ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟ ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ କରିବେ ।

## ସୁପ୍ରିମକୋର୍ଟ ମେଟା

ତଥ୍ୟ ଆଦାନ ପ୍ରଦାନ ଆଳରେ କମ୍ପାନୀମାନେ ନାଗରିକଙ୍କ ଗୋପନୀୟତା ଅଧିକାର ସହିତ ସାଲିସ୍ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଭାରତୀୟ ପ୍ରତିଯୋଗିତା ଆୟୋଗ-ସିସିଆଇ ନାଗରିକ ଗୋପନୀୟତା ନୀତି ଉପରେ ଲଗାଇଥିବା ୨୧୩ କୋଟି ୧୪ଲକ୍ଷ ଟଙ୍କାର ଜୋରିମାନା ଆଦେଶ ବିରୋଧରେ ଆଗତ ଆବେଦନର ଶୁଣାଣି କରି ଆଜି ସୁପ୍ରିମକୋର୍ଟ ମେଟା ଏବଂ ହ୍ୱାଟ୍ସଆପ୍‌କୁ କଡା ସମାଲୋଚନା କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟା ବାଗ୍‌ଚୀ ଏବଂ ଜଷ୍ଟିସ ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟକୁ ପକ୍ଷଭୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟା ଖଣ୍ଡପୀଠରେ ଉପସ୍ଥିତ ରହି ବ୍ୟାବସାୟିକ ଉଦ୍ଦେଶ୍ୟରେ ବ୍ୟବହାରକାରୀଙ୍କ ତଥ୍ୟ ବାଣ୍ଟିବାର ଶୋଷଣକାରୀ ଅଭ୍ୟାସକୁ ସମାଲୋଚନା କରିଥିଲେ । ମେଟା ଏବଂ ହ୍ୱାଟ୍ସଆପ୍ ପକ୍ଷରୁ ବରିଷ୍ଠ ଆଇନ୍‌ଜୀବୀ ମୁକୁଲ ରୋହତଗୀ ଏବଂ ଅଖିଳ ଶିବଲ କହିଥିଲେ ବ୍ୟବହାରକାରୀଙ୍କ ସମସ୍ତ

ମେସେଜ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କମ୍ପାନୀଗୁଡ଼ିକ କୌଣସି ବିଷୟବସ୍ତୁକୁ ଆକ୍ସେସ୍ କରିପାରିବେ ନାହିଁ ।

## ମାଓବାଦୀ-ଲୋକସଭା

ଦେଶରେ ମାଓବାଦୀଙ୍କ ପ୍ରଭାବ ହ୍ରାସ ପାଇଛି ବୋଲି ସ୍ୱରାଷ୍ଟ୍ର-ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି। ଲୋକସଭାରେ ଆଜି ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ରାୟ କହିଛନ୍ତି, ବର୍ତ୍ତମାନ ଦେଶର ୮ଟି ଜିଲ୍ଲାରେ ମାଓବାଦୀଙ୍କ ପ୍ରଭାବ ରହିଛି। ସେଥିମଧ୍ୟରୁ ଓଡ଼ିଶାର କେବଳ କନ୍ଧମାଳ ଜିଲ୍ଲା ମାଓବାଦୀଙ୍କ ଦ୍ୱାରା ପ୍ରଭାବିତ। ୨୦୨୫ ମସିହାରେ ମାଓବାଦୀ ହିଂସା ସହିତ ଜଡ଼ିତ ୨୩୪ଟି କାର୍ଯ୍ୟକଳାପ ସାମ୍ନାକୁ ଆସିଥିଲା। ଗତବର୍ଷ ଗୁଳି ବିନିମୟରେ ୩୬୪ ଜଣ ମାଓବାଦୀ ନିହତ ହୋଇଥିବାବେଳେ ୨ ହଜାର ୩୩୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ।

## କନ୍ୟା ବିବାହ ମୁଖ୍ୟମନ୍ତ୍ରୀ

ରାଜ୍ୟର ଜନସାଧାରଣଙ୍କ ସ୍ୱାର୍ଥର ସୁରକ୍ଷା ଓ ମହିଳାମାନଙ୍କ ସମ୍ମାନଜନକ ଜୀବନଯାପନ ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। **ଗଞ୍ଜାମ** ଜିଲ୍ଲାର ମା'ତାରାତାରିଣୀ ପୀଠରେ ଆଜି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'ର ଶୁଭାରମ୍ଭ କରି ଶ୍ରୀ ମାଝୀ କହିଛନ୍ତି, ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଓ ଅନୁସୂଚିତ ଜାତି-ଜନଜାତି ପରିବାର ପାଇଁ ସରକାରଙ୍କ ଏହି ଯୋଜନା ଆର୍ଥିକ ସହାୟତାର ଏକ ସୁଦୃଢ଼ ମାଧ୍ୟମ

ପାଲଟିବ। ଏହି ବର୍ଗର ଝିଅମାନଙ୍କର ବିବାହ ପାଇଁ ସରକାର ୬୦ ହଜାର ଟଙ୍କା ବ୍ୟୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସରକାରଙ୍କ ଏହି ପ୍ରୟାସ ଆର୍ଥିକ ସହାୟତା ସହିତ  ସମାଜରୁ ଯୌତୁକ ଭଳି କୁପ୍ରଥାର ବିଲୋପ ଏବଂ କନ୍ୟା ସନ୍ତାନଙ୍କ ପ୍ରତି ସମାଜରେ ଏକ ସମ୍ମାନଜନକ ଦୃଷ୍ଟିକୋଣ ସୃଷ୍ଟି କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିବ। ବିଧବା ବିବାହକୁ ପ୍ରୋତ୍ସାହନ କରିବା ସହିତ ବିବାହ ପଞ୍ଜୀକରଣକୁ ବାଧ୍ୟତାମୂଳକ କରି ମହିଳାଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ୨୦୧ ବର-କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଯାଇଛି।

## ପରୀକ୍ଷା ପେ’ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ପରୀକ୍ଷା ପେ ଚର୍ଚ୍ଚା’ କାର୍ଯ୍ୟକ୍ରମ ଆସନ୍ତା ଶୁକ୍ରବାର ଦିନ ପ୍ରସାରିତ ହେବ। ଏହାକୁ ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଦେଖିବା ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଚଳିତବର୍ଷର ଏହି ଭାବବିନିମୟ କାର୍ଯ୍ୟକ୍ରମ କୋଏମ୍ବଟୁର, ଦେବମୋଗ୍ରା, ରାଏପୁର, ଗୌହାଟୀ ଏବଂ ଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ପରୀକ୍ଷା ପୂର୍ବରୁ ବିଦ୍ୟାର୍ଥୀ ଓ ଅଭିଭାବକମାନେ ଚାପମୁକ୍ତ, ଦୃଢ଼ ଆତ୍ମବିଶ୍ୱାସ, ମାନସିକ ସ୍ଥିରତା ବଜାୟ ରଖିବା ପାଇଁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

## କୃଷ୍ଣସାର ମୃଗ

ଗଞ୍ଜାମ ଜିଲ୍ଲାରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ସୂଚନା ଦେଇଛନ୍ତି। ଗତବର୍ଷ ତୁଳନାରେ କୃଷ୍ଣସାର ମୃଗଙ୍କ ସଂଖ୍ୟା ୪୯୮କୁ ବୃଦ୍ଧି ପାଇ ୯ ହଜାର ୨୮୭ରେ ପହଞ୍ଚିଛି। ଚଳିତବର୍ଷ ଏହି ସଂଖ୍ୟା ୮ ହଜାର ୭୮୯ ରହିଥିଲା। ପ୍ରଶିକ୍ଷିତ ଟିମ୍, ଡ୍ରୋନ୍ ଓ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ଗଣନା କାର୍ଯ୍ୟ କରାଯାଇଥିଲା।

## ଜନଗଣନା

**ଭଦ୍ରକ** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜନଗଣନା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ ମାସ ୧୬ ତାରିଖରୁ ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଜନଗଣନା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୩ ହଜାର ୧୪୮ ଜଣ ଜନଗଣନାକାରୀ ଏବଂ ୫୨୯ ଜଣ ସୁପରଭାଇଜର କର୍ମଚାରୀ ନିୟୋଜିତ ହେବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

## ଯୁବ ଆଦାନ-ପ୍ରଦାନ

ଆଦିବାସୀ ଅଞ୍ଚଳର ଯୁବକ-ଯୁବତୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଜନଜାତି ଯୁବ ଆଦାନ-ପ୍ରଦାନ କାର୍ଯ୍ୟକ୍ରମ ଭବାନୀପାଟଣାଠାରେ ଆରମ୍ଭ ହୋଇଛି। ଜିଲ୍ଲାର ୨୫ ଜଣ ଯୁବକ ଓ ୨୫ ଜଣ ଯୁବତୀ ଜମ୍ମୁ-କାଶ୍ମୀର ଓ ଦିଲ୍ଲୀକୁ ଯାତ୍ରା କରିଛନ୍ତି। ସେଠାରେ ଆସନ୍ତା ୬ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଶିବିରରେ ଯୋଗଦେବେ।

## ଆଲୋଚନା ଚକ୍ର

**ଖୋର୍ଦ୍ଧା** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନ୍ୟା ସନ୍ତାନଙ୍କ ଅଧିକାର ସମ୍ପର୍କରେ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟାସନ୍ତାନଙ୍କ ସଶକ୍ତୀକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

## ସଂପୂର୍ଣ୍ଣତା ଅଭିଯାନ

**ରାୟଗଡ଼ା** ଜିଲ୍ଲାରେ ସଂପୂର୍ଣ୍ଣତା ଅଭିଯାନ ୨.୦କୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ମୁନିଗୁଡ଼ା ବ୍ଲକ୍‌ରେ ସ୍ୱାସ୍ଥ୍ୟ, ପୁଷ୍ଟି, କୃଷି ଓ ଶିକ୍ଷା ସୂଚକମାନଙ୍କର ଶତପ୍ରତିଶତ ସଂପୂର୍ଣ୍ଣତା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜଳ ଆଦ୍ରତା ଦିବସ

**ବୌଦ୍ଧ** ଜିଲ୍ଲା ବୀର ନରସିଂହପୁରରେ ବିଶ୍ୱ ଜଳ ଆଦ୍ରତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ବନଖଣ୍ଡ ଅଧିକାରୀ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଜଳଭୂମିର ସୁରକ୍ଷା, ଜୈବ ବିବିଧତା ରକ୍ଷା ଓ ଭୂଗର୍ଭ ଜଳ ସଂରକ୍ଷଣ ସମ୍ପର୍କରେ ସଚେତନ କରାଇଥିଲେ।